# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st October – 2025

**********************************

## ମୁଖ୍ୟ ସମ୍ବାଦ

- ଭିନ୍ନତାରେ ଏକତା' ଭାରତର ଆତ୍ମା ଓ ଶକ୍ତି; କହିଲେ ମୁଖ୍ୟମନ୍ତ୍ରୀ ।
- ସୁଭଦ୍ରା ପୋର୍ଟାଲ୍‌ରେ ଆସନ୍ତାକାଲିଠାରୁ ଅନ୍‌ଲାଇନ୍ ଆବେଦନ ଗ୍ରହଣ କରାଯିବ ।
- ଜମି କିସମ ପରିବର୍ତ୍ତନରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗୀଙ୍କ ପାଇଁ ଦେୟ ଓ ଭଡ଼ା ଛାଡ଼ କଲେ ରାଜ୍ୟ ସରକାର ।

ଏବଂ

- ଅନୁସନ୍ଧାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ଘୋଷିତ ।

— ରାଜ୍ୟରୁ ୩ ଜଣ ପୁଲିସ୍ ଅଧିକାରୀ ମନୋନୀତ ।

*Desk*

# ଗଣଦୌଡ଼ - ସି.ଏମ୍.

ଏକତା, ଭାଇଚାରା ଏବଂ ଦେଶପ୍ରେମ’ ବିକଶିତ ଭାରତର ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ  ଆୟୋଜିତ ଏକତା ଦୌଡ଼କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଭିନ୍ନତାରେ ଏକତା ଭାରତର ଆତ୍ମା ଓ ଶକ୍ତି, ଯାହା ଭାରତୀୟଙ୍କୁ ଏକଜୁଟ କରି ରଖିବା ସହ ଦେଶକୁ ଶକ୍ତିଶାଳୀ କରୁଛି। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଂକଳ୍ପ ଓ ଦୃଷ୍ଟିକୋଣ ବଳରେ ଆଜି ଅଖଣ୍ଡ ଭାରତର ସ୍ୱପ୍ନ ସମ୍ଭବ ହୋଇପାରିଛି ବୋଲି ଶ୍ରୀ ମାଝୀ କହିଛନ୍ତି।

*Desk*

# ଏକତା ଦିବସ - ରାଜଭବନ

ଲୌହମାନବ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କର ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ରାଜଭବନର ଅଭିଷେକ ହଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସର୍ଦ୍ଦାର ପଟେଲ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

***Khurda, Kendrapara, Dhenkanal, Sambalpur, Boudh, Baragarh, Koraput/R***

# ଏକତା ଗଣଦୌଡ଼

ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ ସୁଭଦ୍ରା ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପଦଯାତ୍ରାରେ ଯୋଗଦେଇ କହିଛନ୍ତି, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ରାଜ୍ୟ ଓ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିଥିଲେ । ସମସ୍ତେ ଏକତ୍ର ହୋଇ କାର୍ଯ୍ୟ କଲେ ଦେଶ ଶକ୍ତିଶାଳୀ ହୋଇପାରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Voice :........***

ଦେଶବ୍ୟାପୀ 'ଏକତା ପାଇଁ ଗଣଦୌଡ଼' ଅଭିଯାନ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। **ଖୋର୍ଦ୍ଧା** ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟ ପରିସରରେ ଶପଥପାଠ କାର୍ଯ୍ୟକ୍ରମ ସହ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା । ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଏଥିରେ ଯୋଗ ଦେଇଥିଲେ ।

ପୂର୍ବତଟ ରେଳବାଇ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ' ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତାପାଇଁ ଶପଥପାଠ କରାଇଥିଲେ ।

**କେନ୍ଦ୍ରାପଡ଼ା** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ ଓ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଯୋଗ ଦେଇଥିଲେ ।

**ଢେଙ୍କାନାଳ**ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ କହିଛନ୍ତି, ଏକତା ହେଉଛି ଆମର ଶକ୍ତି ଓ ଅସ୍ତିତ୍ୱ । ଆମେ ସମସ୍ତେ ଏକତ୍ରିତ ହେଲେ କୌଣସି ଶକ୍ତି ଆମ ପଥରୋଧ କରିପାରିବ ନାହିଁ । ଏହି ଅବସରରେ ଶ୍ରୀ ପାଣି ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ ।

**ସମ୍ବଲପୁର** ଜିଲ୍ଲାସ୍ତରୀ ଏକତା ଗଣଦୌଡ଼ ସି.ଏସ୍.ବି. ଜିଲ୍ଲା ସ୍କୁଲ୍‌ରୁ ଗୋଲ୍ ବଜାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି । ରେଳ ଷ୍ଟାଡିୟମ୍‌ଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ରାଷ୍ଟ୍ରୀୟ ଏକତା ବଜାୟ ରଖିବାପାଇଁ ଶପଥପାଠ କରାଇଥିଲେ ।

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ’ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଏବଂ ସୁରକ୍ଷା ବଜାୟ ରଖିବାକୁ ଶପଥପାଠ କରାଇଥିଲେ ।

**ବରଗଡ଼** ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍‌ରେ ଏକତା ଦୌଡ଼ର ଶୁଭାରମ୍ଭ କରିଥିଲେ ।

**କୋରାପୁଟ** ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ପଟେଲ୍‌ଙ୍କ ଜୟନ୍ତୀ ଅବସରରେ ଏକ ବଡ଼ଧରଣର ଗଣଦୌଡ଼ର ଆୟୋଜି କରାଯାଇଥିଲା । ସରକାରୀ ଓ ପୁଲିସ କର୍ମଚାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । କୋରାପୁଟ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା ।

***BBSR/R***

# ସୁଭଦ୍ରା ଯୋଜନା ଆବେଦନ

ସୁଭଦ୍ରା ପୋର୍ଟାଲ୍‌ରେ ଆସନ୍ତାକାଲିଠାରୁ ଅନ୍‌ଲାଇନ୍ ଆବେଦନ କରିହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଯେଉଁମାନେ ୨୦ ବର୍ଷ ପୂରଣ କରିଥିବେ, ସେମାନେ ନୂଆକରି ଯୋଜନାରେ ଆବେଦନ କରିପାରିବେ । ଯେଉଁ ଅଞ୍ଚଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି, ସେହି ଅଞ୍ଚଳ ଛାଡ଼ି ଅନ୍ୟ ସମସ୍ତେ ଏହି ଯୋଜନା ନିମନ୍ତେ ଆବେଦନ କରିପାରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

*Desk*

# ରେଳମନ୍ତ୍ରୀ – ଓଡ଼ିଶା ଗସ୍ତ

କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିଠାରେ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ । ଏହାସହ ଲୋକସେବା ଭବନରେ ରାଜ୍ୟରେ ରେଳ ଭିତ୍ତିଭୂମି ଉନ୍ନତପାଇଁ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ ରହିଛି । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲିଥିବା ପୁନଃ ବିକାଶ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବାପାଇଁ ଶ୍ରୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନ କରିବେ । କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଓଡ଼ିଶାରେ ଭିତ୍ତିଭୂମି ଅଭିବୃଦ୍ଧି, ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଏବଂ ଯାତ୍ରୀ ସୁବିଧାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ଜମି କିସମ ଦେୟ

କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ପାଇଁ ଆଉ ଜମି କିସମ ପରିବର୍ତ୍ତନ ସମୟରେ ଦେୟ ଏବଂ ଭଡ଼ା ଦେବାକୁ ପଡ଼ିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ପୂର୍ବରୁ କିସମ ପରିବର୍ତ୍ତନ ପାଇଁ ଜମି ବେଞ୍ଚମାର୍କର ୧ ପ୍ରତିଶତ ଦେୟ ଓ ଭଡ଼ା ଦେବାକୁ ପଡୁଥିଲା । କେନ୍ଦ୍ର ପୋର୍ଟାଲ୍‌ରେ ଥିବା ସହ ଜିଲ୍ଲା କମିଟିର ଅନୁମୋଦିତ ହୋଇଥିଲେ ଏହି ସୁବିଧା ମିଳିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Voice*** :.......

ସଂରକ୍ଷିତ ଅଞ୍ଚଳ, ପ୍ରତିରକ୍ଷା, ପ୍ରତ୍ନତାତ୍ତ୍ୱିକ ଜମିପାଇଁ ଏହି ସୁବିଧା ଉପଲବ୍ଧ ହେବ ନାହିଁ । ଉଦ୍ୟୋଗୀମାନେ ଲକ୍ଷ୍ୟରୁ ବିଚ୍ୟୁତ ହେଲେ ଜମି ଫେରସ୍ତ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

***Nuapada/R***

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଆଉ ୧୧ ଦିନ ରହିଛି । ୩ ପ୍ରମୁଖ ରାଜନୈତିକ ଦଳ ବି.ଜେ.ପି., ବି.ଜେ.ଡି. ଓ କଂଗ୍ରେସର ଷ୍ଟାର ପ୍ରଚାରକମାନେ ଭୋଟର୍‌ମାନଙ୍କୁ ସେମାନଙ୍କ ସପକ୍ଷରେ ମତଦାନ କରିବାପାଇଁ

ଆଜି ସଭାସମିତି ଓ ରାଲି କରୁଛନ୍ତି । ମନ୍ତ୍ରୀ ରବିନାରାୟଣ ନାଏକ ବଞ୍ଜାରି ମଣ୍ଡଳରେ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି ।

ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ନୂଆପଡ଼ା ବ୍ଲକ୍ ଜିଲ୍ଲାପରିଷଦ ଜୋନ୍ ନମ୍ବର ୭ରେ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହିତ ପ୍ରଚାର କରିଛନ୍ତି ।

ବି.ଜେ.ଡି.ର ବରିଷ୍ଠ ନେତାମାନେ ମଧ୍ୟ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ପ୍ରଚାର କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***BBSR/R***

# ହସ୍ତତନ୍ତ ସମ୍ମିଳନୀ

ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି । କେନ୍ଦ୍ର ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ କରି ଶ୍ରୀ ଆହୁଜା କହିଛନ୍ତି, ହସ୍ତତନ୍ତ ଓ ହସ୍ତଶିଳ୍ପ ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି । ବୁଣାକାର ଓ କାରିଗରଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ସମ୍ମିଳନୀରେ ବିଚାର ବିମର୍ଶ ସହ ଆଲୋଚନା କରାଯାଇଛି । ଏହି

ଅବସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ବଜାର ସଂଯୋଗ, କ୍ଲଷ୍ଟର ଓ ଭିତ୍ତିଭୂମିର ବିକାଶ, କୁଶଳତା ବୃଦ୍ଧିପାଇଁ ପ୍ରଶିକ୍ଷଣ, କଞ୍ଚାମାଲ ଯୋଗାଣ ଆଦି ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା ।

***PIB***

# ଗୃହମନ୍ତ୍ରୀ ଉତ୍କର୍ଷ ପଦକ

କେନ୍ଦ୍ର ସରକାର କାର୍ଯ୍ୟରେ ଉତ୍କର୍ଷତା, ଅନୁସନ୍ଧାନରେ ଉତ୍କୃଷ୍ଟ ସେବା, ଅସାଧାରଣ ପ୍ରଦର୍ଶନ, ଅଦମ୍ୟ ଏବଂ ସାହସୀ ଗୁଇନ୍ଦା ସେବା, ଫରେନ୍‌ସିକ୍ ବିଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାପାଇଁ ୧ ହଜାର ୪୬୬ ଜଣ ପୁଲିସ୍ ସୁରକ୍ଷା ବଳ କର୍ମୀଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକରେ ସମ୍ମାନିତ କରିବାପାଇଁ ଆଜି ଘୋଷଣା କରିଛନ୍ତି । ତଦନ୍ତରେ ଉତ୍କର୍ଷତା ପାଇଁ ଓଡ଼ିଶାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ଦାସ, ଇନ୍‌ସ୍ପେକ୍ଟର ହିମାଂଶୁ ଭୂଷଣ ସ୍ୱାଇଁ ଓ ଧବଳେଶ୍ୱର ସାହୁଙ୍କୁ ମନୋନୀତ କରାଯାଇଛି । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜୟନ୍ତୀ ଅବସରରେ ପ୍ରତିବର୍ଷ ଆଜିର ଦିନରେ ଏହି ପଦକ ଘୋଷଣା କରାଯାଇଥାଏ ।

***BBSR/R***

# ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା, କଟକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଉପର ଓ ତଳ ପଡ଼ିଆରେ ବାଲିଯାତ୍ରାର ଆୟୋଜନ କରାଯାଉଛି । ବାଲିଯାତ୍ରା ପଡ଼ିଆକୁ ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନୋ ଡ୍ରୋନ୍ ଜୋନ୍ ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଏହା ଆସନ୍ତାମାସ ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନିଷ୍ପତ୍ତି ହୋଇଛି ।

***Kandhamal/R***

# କଳିଙ୍ଗା ଘାଟି

ଲଗାଣ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ଗତମାସ ୧୬ ତାରିଖରୁ ବନ୍ଦଥିବା କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟି ୪୫ ଦିନ ପରେ ଆଜି ଖୋଲିଛି । ଆଜି ଅପରାହ୍ଣରେ ଦୁଇଚକିଆ ଓ ଚାରିଚକିଆ ହାଲୁକା ଯାନ ଏହି ରାସ୍ତାରେ ଯିବା

ଆସିବା ଆରମ୍ଭ କରିଛି । ଭାରିଯାନ ଓ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ଯାତାୟତକୁ ବାରଣ କରାଯାଇଛି ।

***Jajpur/R***

## କାଳୀ ଭସାଣ

ଯାଜପୁର ଜିଲ୍ଲା ବ୍ୟାସନଗରର ମା' ଶ୍ୟାମାକାଳୀଙ୍କ ଭସାଣ ଯାତ୍ରା ମହା ସମାରୋହରେ ଚାଲିଛି । ସହରର ୧୮ଟି ମଣ୍ଡପରେ ପୂଜା ପାଉଥିବା ମା'ଙ୍କର ମୃଣ୍ମୟ ମୂର୍ତ୍ତିଗୁଡ଼ିକ ଶୋଭଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ଚୋର୍ଦା ଛକ ନିକଟରେ ଥିବା କାଳୀ ମେଳଣ ପଡ଼ିଆରେ ମେଢ଼ଗୁଡ଼ିକ ଏକତ୍ର ହେବା ପରେ ବିସର୍ଜନ ପାଇଁ ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

******